# NATIONAL NEWS BULLETIN (ODIA)

**26 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କୌଣସି ଦେଶ ତା'ର ଭାଷାକୁ ଛାଡି ନିଜର ସଂସ୍କୃତି, ସାହିତ୍ୟ ଓ ଇତିହାସକୁ ଅମର କରିପାରିବ ନାହିଁ - କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ସାଂଘାଇ ସହଯୋଗ ସଂଗଠନ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ମିଳିତ ଘୋଷଣାନାମାରେ ସ୍ୱାକ୍ଷର କରିବାକୁ ମନାକଲା ଭାରତ ।

- ଆସନ୍ତାକାଲି ପୁରୀରେ ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଆଜି ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ତିନିଠାକୁର ।

- ଆଜି ଅପରାହ୍ଣରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିବେ ଗ୍ରୁପ୍ କ୍ୟାପେଟ୍ନ ଶୁଭାଂଶୁ ଶୁକ୍ଲା ।

ଏବଂ

- ମହିଳା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ଆସନ୍ତାକାଲି ଫାଇନାଲରେ ମୁହାଁମୁହିଁ ହେବେ ଓଡ଼ିଶା ଓ ପଞ୍ଜାବ ।

## ଅମିତ ଶାହା

କୌଣସି ଦେଶ ତା'ର ଭାଷାକୁ ଛାଡି ନିଜର ସଂସ୍କୃତି, ସାହିତ୍ୟ, ଇତିହାସ ଓ ଜୀବନର ସଂସ୍କାରକୁ ଅମର କରିପାରିବ ନାହିଁ । ଆଜି ନୂଆଦିଲ୍ଲୀରେ ରାଜଭାଷା ବିଭାଗର ସ୍ୱର୍ଣ୍ଣଜୟନ୍ତୀ ଅବସରରେ ଆୟୋଜିତ

ସମାରୋହରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ୫୦ ବର୍ଷ ପୂର୍ବେ ୧୯୭୫ ମସିହାରୁ ଆରମ୍ଭ କରି ୨୦୨୫ ମସିହା ପର୍ଯ୍ୟନ୍ତ ରାଜଭାଷା ବିଭାଗର ଯାତ୍ରା ସ୍ୱାଧୀନତାର ୧୦୦ ବର୍ଷ ବେଳକୁ ନୂତନ କୀର୍ତ୍ତିମାନ ସ୍ଥାପନ କରିବ । ଶ୍ରୀ ଶାହା କହିଛନ୍ତି ରାଜଭାଷା ବିଭାଗର ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକଟି ବର୍ଗର ବ୍ୟକ୍ତି ଯେଭଳି ପ୍ରଶାସନର ଭାଷା ସହଜରେ ବୁଝିପାରିବେ ଓ ପ୍ରଶାସନକୁ ସେମାନଙ୍କ ଭାଷାରେ ପରାମର୍ଶ ଦେଇପାରିବେ । ଭାରତୀୟ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟର ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Amit Saha)**

## ଇଣ୍ଡିଆ-ଏସ୍‌ସିଓ

ଚୀନ୍‌ରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ-ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଭାରତ ପ୍ରସ୍ତାବିତ ମିଳିତ ଘୋଷଣାନାମାରେ ଅସନ୍ତୋଷ ପ୍ରକାଶ କରିଛି । ସୂଚନା ଅନୁଯାୟୀ ସଂପୃକ୍ତ ଘୋଷଣାନାମାରେ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଉଲ୍ଲେଖ କରାଯାଇନଥିବାରୁ ଭାରତ ସ୍ୱାକ୍ଷର କରିବାକୁ ମନାକରିଛି ।

ଏହି ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆତଙ୍କବାଦ, ଉଗ୍ରବାଦ ଏବଂ ଉଗ୍ରଜାତୀୟତାବାଦ ବିରୋଧରେ ମିଳିତଭାବେ କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱ ଏକ ହେବାଲାଗି ଆହ୍ୱାନ ଦେଇଛନ୍ତି । ଶ୍ରୀ ସିଂହ କହିଛନ୍ତି ଶାନ୍ତି ଏବଂ ବିକାଶ ଆତଙ୍କବାଦ ସହ ଏକସଙ୍ଗେ ଚାଲିପାରିବ ନାହିଁ । ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୪ଜଣ ସାଧାରଣ

ନାଗରିକଙ୍କ ମୃତ୍ୟୁ ସମ୍ପର୍କରେ ଶ୍ରୀ ସିଂହ କହିଛନ୍ତି ଅପରେସନ ସିନ୍ଦୂର ଜରିଆରେ ଭାରତ ସୀମାପାର ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବାରେ ସଫଳ ହୋଇଛି ଏବଂ ଭାରତର ପଦକ୍ଷେପକୁ ସାରା ବିଶ୍ୱ ପ୍ରଶଂସା କରିଛି ।

ପ୍ରତିରକ୍ଷାମନ୍ତ୍ରୀ ଯେଉଁ ଦେଶଗୁଡ଼ିକ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ସେମାନଙ୍କ ପ୍ରତି ଅସନ୍ତୋଷବ୍ୟକ୍ତ କରିଛନ୍ତି । ସେ କହିଛନ୍ତି କେତେକ ଦେଶ ଆତଙ୍କବାଦୀମାନଙ୍କୁ ଶରଣ ଦେବା ଏବଂ ସେମାନଙ୍କୁ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ନୀତି ଭାବେ ଗ୍ରହଣ କରିଛନ୍ତି । ସେହିସବୁ ଦେଶଗୁଡ଼ିକୁ ଏହାର ପରିଣାମ ଭୋଗ କରିବାକୁ ପଡିବ ବୋଲି ଶ୍ରୀ ସିଂହ କହିଛନ୍ତି ।

# ନବଯୌବନ ଦର୍ଶନ

ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ଆଜି ମହାପ୍ରଭୁ ନବଯୌବନ ବେଶରେ ସଜ୍ଜିତ ହେବା ସହ ନେତ୍ରୋତ୍ସବରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିଲା। ପରମ୍ପରା ଅନୁଯାୟୀ, ୧୫ଦିନର ଅଣସର ପରେ ଶ୍ରୀଜୀଉ ଶ୍ରଦ୍ଧାଳୁମାନଙ୍କୁ ନବଯୌବନ ଦର୍ଶନ ଦିଅନ୍ତି। ଶ୍ରଦ୍ଧାଳୁ ପାରମାଣିକ ଦର୍ଶନ ପାଇଁ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିଥିଲେ। ପରେ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ କରି ଠାକୁରଙ୍କୁ ସାହାଣ

ମେଳାରେ ଦର୍ଶନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଛି। ସାଢ଼େ ୭ଟାରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ବଡ଼ସିଂହାର ବେଶ ଏବଂ ବଡ଼ସିଂହାର ଭୋଗ ପରେ ରାତି ସାଢ଼େ ୧୧ଟାରେ ପହୁଡ଼ ଆଳତି କରାଯିବ। ରାତି ସାଢ଼େ ୧୨ଟାରୁ ଭୋର୍ ସାଢ଼େ ୫ଟା ପର୍ଯ୍ୟନ୍ତ ଠାକୁରଙ୍କର ସେନାପଟା ଲାଗି ନୀତି ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। ଆସନ୍ତାକାଲି ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଆଜି ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନି ରଥକୁ ଅଣାଯିବ । ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ନେଇ ରଥଖଳାକୁ ବିଜେ କରିବେ । ଏହାପରେ ତିନୋଟି ଯାକ ରଥକୁ ଶ୍ରୀମନ୍ଦିର ସମ୍ମୁଖକୁ ଅଣାଯିବ। ପାଗ ଅନୁକୂଳ ଥିବାରୁ ପୁରୀରେ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି। ଆସନ୍ତାକାଲି ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରୁ ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହେବ।

## ଏକଜିୟମ-୪

ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିବାରେ ପ୍ରଥମ ଭାରତୀୟ ଭାବେ ଇତିହାସ ରଚିବେ । ଏକ୍‌ଜିୟମ-୪ ମିଶନରେ ଗ୍ରୁପ୍ କ୍ୟାପଟେନ୍ ଶୁକ୍ଲାଙ୍କ ସମେତ ଅନ୍ୟ ୩ଜଣ କ୍ରୁ ସଦସ୍ୟ ଆଜି ଅପରାହ୍ଣ ୪ଟା ୩୦ ମିନିଟ୍

ସମୟରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ସହ ସଂଯୋଗ ସ୍ଥାପନ କରିବେ । ୪୧ବର୍ଷ ପରେ ମହାକାଶରେ ଜଣେ ଭାରତୀୟ ମହାକାଶଚାରୀ ଅବତୀର୍ଣ୍ଣ ହେବେ । ଲକ୍ଷ୍ନୌରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଶୁକ୍ଲା ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିଛନ୍ତି ।

ଇତିମଧ୍ୟରେ ଶୁଭାଂଶୁ ମହାକାଶରୁ ଏକ ବାର୍ତ୍ତାରେ ନିଜର ଖୁସି ଜାହିର କରିଛନ୍ତି । ସେ କହିଛନ୍ତି ଏହା କେବଳ ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ ବରଂ ଦେଶର ସମସ୍ତ ନାଗରିକଙ୍କ ପାଇଁ ଗୌରବର ବିଷୟ ।

**V/O (Subhanshu Shukla)**

## ପ୍ରେଜ୍ ଗଙ୍ଗାରାମ କ୍ୟାନ୍ସର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସାର୍ ଗଙ୍ଗାରାମ କର୍କଟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କର୍କଟକେନ୍ଦ୍ର କର୍କଟରୋଗୀମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇ ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ସମ୍ପୃକ୍ତ ହସ୍ପିଟାଲର ବିଭିନ୍ନ ବ୍ୟବସ୍ଥା ବୁଲି ଦେଖିବା ସହ ରୋଗୀମାନଙ୍କ ସହିତ ଆଲୋଚନା କରିଥିଲେ ।

## ଛତିଶଗଡ ଏନ୍‌କାଉଣ୍ଟର

ଛତିଶଗଡରେ ସୁରକ୍ଷାବାହିନୀ ସହ ଗୁଳିବିନିମୟରେ ୨ଜଣ ମହିଳା ମାଓବାଦୀ ନିହତ ହୋଇଛନ୍ତି । ନାରାୟଣପୁର ଜିଲ୍ଲାର ଆବୁଝମାଡ

ଅଞ୍ଚଳରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ସ୍ୱତନ୍ତ୍ର ଟାକ୍ସଫୋର୍ସର ଏକ ମିଳିତ ଦଳ ଅପରେସନରେ ସାମିଲ ହୋଇଥିଲେ । ଗତକାଲି ସଂଧ୍ୟାରୁ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି । ସୁରକ୍ଷାବାହିନୀ ଘଟଣାସ୍ଥଳରୁ ୨ଟି ରାଇଫଲ ଜବତ କରିବା ସହ ୨ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ ।

## ଉତ୍ତରାଖଣ୍ଡ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ଘୋଲଟିରଠାରେ ଆଜି ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୯ଜଣ ନିଖୋଜ ଥିବାବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ କରାଯାଉଛି । ଏକ ଟେମ୍ପୋ ଟ୍ରାଭେଲର ଅଲକାନନ୍ଦା ନଦୀ ମଧ୍ୟକୁ ଖସିପଡିବାରୁ ଏହି ଦୁର୍ଘଟଣା ଘଟିଛି । ୩ଜଣ ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ହେଲିକପ୍ଟର ଯୋଗେ ଅଧିକ ଚିକିତ୍ସା ଲାଗି ପଠାଯାଇଛି । ଉତ୍ତରାଖଣ୍ଡ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିନୋଦ କୁମାର କହିଛନ୍ତି ଏହି ଦୁର୍ଘଟଣାରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ଏବଂ ଏପର୍ଯ୍ୟନ୍ତ ୮ଜଣଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି ।

**V/O (Vinod Kumar Suman)**

ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିଛନ୍ତି । ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକ ଯୋଗ ଦେଇଛନ୍ତି ।

## ପ୍ରେଜ୍ ଗଙ୍ଗାରାମ କ୍ୟାନ୍ସର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସାର୍ ଗଙ୍ଗାରାମ କର୍କଟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏହି କର୍କଟକେନ୍ଦ୍ର କର୍କଟରୋଗୀମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇଦେବ । ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ସମ୍ପୃକ୍ତ ହସ୍ପିଟାଲର ବିଭିନ୍ନ ବ୍ୟବସ୍ଥା ବୁଲି ଦେଖିବା ସହ ରୋଗୀମାନଙ୍କ ସହିତ ଆଲୋଚନା କରିଥିଲେ ।

## ବାଂଲାଦେଶ ଡେ

ବାଂଲାଦେଶରେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ଶପଥଗ୍ରହଣ ବାର୍ଷିକୀ ପାଳନ କରିବାକୁ ବାଂଲାଦେଶ ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ଅଗଷ୍ଟ ୮ ତାରିଖକୁ 'ନୂତନ ବାଂଲାଦେଶ ଦିବସ' ଭାବେ ପାଳନ କରାଯିବ । ସୂଚନାଯୋଗ୍ୟ ଛାତ୍ରମାନଙ୍କ ନେତୃତ୍ୱରେ ବାଂଲାଦେଶରେ ବିକ୍ଷୋଭ ପରେ ଗତବର୍ଷ ଅଗଷ୍ଟ ୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସରକାରଙ୍କ ପତନ ଘଟିଥିଲା । ଏହାର ୩ ଦିନ ପରେ ମହମ୍ମଦ ୟୁନୁସ

ନୂଆ ସରକାରରେ ଶପଥ ନେଇଥିଲେ । ବାଂଲାଦେଶ ସରକାର ମଧ୍ୟ ଆସନ୍ତା ଅଗଷ୍ଟ ୫ ତାରିଖକୁ ଜୁଲାଇ ବିଦ୍ରୋହ ଦିବସ ଭାବେ ଘୋଷଣା କରିଛନ୍ତି । ଏହାବ୍ୟତୀତ ଜନଆନ୍ଦୋଳନ ସମୟରେ ରଙ୍ଗପୁରରେ ପୁଲିସ ଗୁଳିରେ ପ୍ରାଣ ହରାଇଥିବା ଛାତ୍ରଙ୍କ ସ୍ମୃତିରେ ସରକାର ଜୁଲାଇ ୧୬ ତାରିଖକୁ ଶହିଦ ଅବୁ ସୟିଦ ଦିବସ ଭାବେ ଘୋଷଣା କରିଥିଲେ । ଗତକାଲି କ୍ୟାବିନେଟ୍ ବିଭାଗ ଏହି ନିଷ୍ପତ୍ତିକୁ ଅନୁମୋଦନ କରି ସର୍କୁଲାର ଜାରି କରିଛି । ଇତିମଧ୍ୟରେ ଗତବର୍ଷର ଛାତ୍ର ନେତୃତ୍ୱାଧୀନ ଆନ୍ଦୋଳନର ବାର୍ଷିକୀ ପାଳନ ପାଇଁ ଜୁଲାଇ ଏବଂ ଅଗଷ୍ଟରେ ଗଣ ବିଦ୍ରୋହ ଦିବସ ପାଳନ ତଦାରଖ କରିବାକୁ ଏକ ୩୬ଜଣିଆ ଜାତୀୟ କମିଟି ଗଠନ କରାଯାଇଥିବା ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ ରିପୋର୍ଟ କରିଛି । ପ୍ରଫେସର ମହମ୍ମଦ ୟୁନୁସ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଜୁଲାଇ ୧ରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ୩୬ଦିନିଆ କାର୍ଯ୍ୟକ୍ରମ ପାଳନ କରାଯିବ ବୋଲି ଏହି ସରକାରୀ ସମ୍ବାଦ ସରବରାହ ସଂସ୍ଥା ତା'ର ରିପୋର୍ଟରେ ଉଲ୍ଲେଖ କରିଛି ।

## ହକି

ମହିଳା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ଆସନ୍ତାକାଲି ଓଡ଼ିଶା ଏବଂ ପଞ୍ଜାବ ମଧ୍ୟରେ ମୁକାବିଲା ହେବ । ସେମିଫାଇନାଲ ମ୍ୟାଚ୍‌ରେ ପଞ୍ଜାବ ୩-୨ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଥିବାବେଳେ

ଓଡ଼ିଶା ତାମିଲନାଡୁକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଲାଗି ତାମିଲନାଡୁ ଏବଂ ହରିୟାଣା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ବର୍ଲିନରେ ଚାଲିଥିବା ଚର୍ତୁଦେଶୀୟ ହକି ପ୍ରତିଯୋଗିତାରେ ଗତକାଲି ଭାରତୀୟ ଜୁନିୟର ପୁରୁଷ ହକି ଟିମ୍ ୨-୧ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅଜିତ୍ ଯାଦବ ଖେଳର ଚର୍ତୁଥାଂଶରେ ଗୋଲ୍ ଦେଇ ଦଳ ପାଇଁ ବିଜୟ ଆଣିଥିଲେ ।